# ଆଧାର ନାହିଁ ବୋଲି କଲେନାହିଁ ଆଡମିସନ
## ପାଠପଢ଼ାରେ ଡୋରି ବାନ୍ଧିଲେ ବାପଛେଉଣ୍ଡ କନ୍ୟା 'ମାଳତି'



**ବାରିପଦା /ଉଦଳା (ଅମୃତ ମିଡିଆ) :** ଯେ ହେଉଛି ଖୁଂଟା ବ୍ଲକର ବୃନ୍ଦାବନଚନ୍ଦ୍ରପୁର ପଂଚାୟତ ଅନ୍ତର୍ଗତ ଦଦରାଶୋଳ ଗ୍ରାମର ଦୃଶ୍ୟ। ଏହି ଗ୍ରାମର ବାସିନ୍ଦା ସ୍ୱର୍ଗତଃ ରାମଚନ୍ଦ୍ର ଟୁଡୁଙ୍କର ୧୫ ବର୍ଷ ବୟସର କନ୍ୟା 'ମାଳତି' ଆଜକୁ ୪ ବର୍ଷ ଧରି ପାଠପଢ଼ାରେ ଡ଼ୋରିବାନ୍ଧି ଦେଇଥିବାର ଜଣାଯାଇଛି। ଗ୍ରାମ ନିକଟରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟରୁ 'ମାଳତି' ୫ମଶ୍ରେଣୀ ପାସ କରିଛନ୍ତି। ପରେ ୬ଷ୍ଠ ଶ୍ରେଣୀରେ ନାମ ଲେଖାଇବାକୁ ଯିବାରୁ କାର୍ଯ୍ୟରତ ଶିକ୍ଷକ ଆଧାର କାର୍ଡ଼ ମାଗିଲେ। 'ମାଳତି' ଆଧାର କାର୍ଡ଼ ଦେଖାଇନପାରିବାରୁ ଶିକ୍ଷକ ନାମ ଲେଖାଯାଇ ପାରିବ ନାହିଁ ବୋଲି ରୋକ ଠୋକ ମନା କରି ବିଦା କରିଦେଲେ। ଫଳରେ ଅନ୍ୟ କୌଣସି ଉପାୟ ନପାଇ 'ମାଳତି' ପାଠପଢ଼ାରେ ଡ଼ୋରି ବାନ୍ଧି ଦେବାକୁ ବାଧ ହେଲେ। ସେହିପରି ପରିବାରକୁ ମିଳିଥିବା ରାସନ କାର୍ଡ଼ରେ 'ମାଳତି'ଙ୍କର ନାମ ଯୋଡ଼ା ଯାଇପାରୁନଥିବାରୁ, ସରକାର ମୁଣ୍ଡପିଛା ଯେଉଁ ୫ କିଗ୍ରା ଚାଉଳ ଯୋଗାଇ ଦେଉଛନ୍ତି ତାହା ପାଇବାରୁ ସେ ବଂଚିତ ଅଛନ୍ତି। ଏହିପରି ବହୁ ସଂଖ୍ୟାରେ ଆଦିବାସି ପିଲା ବିଭିନ୍ନ କାରଣରୁ ଅଧାରୁ ପାଠପଢ଼ା ଛାଡୁଥିବା ବେଳେ କିଛିପିଲା ଆଦୌ ବିଦ୍ୟାଳୟର ମାଟି ମାଡ଼ିନଥିବାର ଦୃଶ୍ୟ କପ୍ତିପଦା ଉପଖଣ୍ଡରେ ନିୟମିତ ଦେଖିବାକୁ ମିଳୁଛି। ଫଳରେ ବାଲ୍ୟବିବାହ ଜନିତ ଭୟଙ୍କର ବିପଦ ଦୃତଗତିରେ ବଢ଼ି ବଢ଼ି ଚାଲିଛି। ଏତିକିବେଳେ ଏଠାରେ କାର୍ଯ୍ୟରତ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ କୌଣସି ପଦକ୍ଷେପ ନନେଇ କାହିଁକି ଚୁପ ମାରି ବସିଛି ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ହେଉଥିବାର ଶୁଣିବାକୁ ମିଳୁଛି।

# ଆଞ୍ଚଳିକ ଭତରା ସମାଜର ସାଂଗଠନିକ ବୈଠକ



**କୋକସରା (ଅମୃତ ମିଡିଆ) :** କୋକସରା ବ୍ଲକ ଟେମରା ଆଞ୍ଚଳିକ ଭତରା ସମାଜ ପକ୍ଷରୁ ସ୍ଥାନୀୟ ଟେମରା କଲ୍ୟାଣ ମଣ୍ଡପ ଠାରେ ରବିବାର ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଟେମରା ଆଞ୍ଚଳିକ ଭତରା ସମାଜ ସଭାପତି କ୍ଷିତିଶ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଜିଲ୍ଲା ଭତରା ସମାଜ ସଭାପତି କୈଳାସ ଚନ୍ଦ୍ର ମାଝୀ, ମୁଖ୍ୟ ବକ୍ତା ଭାବେ ଜିଲ୍ଲା କର୍ମଚାରୀ ସଂଘ ସଭାପତି ତୃପ କୁମାର ପାତ୍ର, ଯୋଗ ଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ଗରୁଡ ଧ୍ୱଜ ମାଝି, ନୀଳକଣ୍ଠ ମାଝୀ, ଘନଶ୍ୟାମ ନାଏକ, ଗୋପିଚନ ନାଏକ, କ୍ଷିରୋଦ ମାଝୀ, ରୁତୁ ରାଜ ମାଝି, ଟିକେ ଚନ୍ଦ୍ର ମାଝି, ଲୋକନାଥ ପାତ୍ର, ସୁଧୀର ପାତ୍ର, ରୋହିତ କୁମାର ମାଝି, ରସିକ ପୁଝାରୀ, ଭୁବନେଶ୍ୱର ଦିଶାରି, ଅଖିଳ ଚନ୍ଦ୍ର ମାଝୀ, ପାରେଶ୍ୱର ଦିଶାରୀ, ପ୍ରମୁଖ ଯୋଗଦେଇ ଥିଲେ। ବୈଠକରେ ସମାଜ କିଭଳି ଆଗକୁ ସୁ ସଂଗଠିତ ହେବା ସହ ଶୃଙ୍ଖଳିତ, ଶିକ୍ଷିତ, ମଜବୁତ ତଥା ପ୍ରତିଟି କ୍ଷେତ୍ରରେ ଯେମିତିକି ବିକାଶର ପଥ ଆଗକୁ ବଢିପାରିବ ଏବଂ ଏକ ସୁସ୍ଥ ସମାଜ ଗଠନ ରେ ସମସ୍ତଙ୍କର ସହଯୋଗ ଏବଂ ଭୂମିକା ସଦାସର୍ବଦା ରହି ଆସୁଥିବା ନିତାନ୍ତ ଆବଶ୍ୟକ ବୋଲି ବିଶେଷ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମକୁ କୋକସରା ବ୍ଲକ ଭତରା ସମାଜ କର୍ମଚାରୀ ସଂଘ ସଭାପତି ତୋଫାନ ମାଝୀ ପରିଚାଳନା କରିଥିବା ବେଳେ ଗୋପାଳ ଚନ୍ଦ୍ର ମାଝୀ ଧନ୍ୟବାଦ ଜଣାଇଥିଲେ। ଦଶମ ଓ ଦ୍ୱାଦଶ ପରିକ୍ଷାରେ ସଫଳତା ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ସମାଜ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇ ଛାତ୍ରମାନଙ୍କୁ ବେଶ୍ ଉତ୍ସାହିତ କରାଯାଇଥିଲା। ବୈଠକରେ ସମାଜର ବହୁ ସଂଖ୍ୟକ କର୍ମକର୍ତ୍ତା ସାମିଲ ହୋଇଥିଲେ।

# ତ୍ରିରଙ୍ଗା ଶୋଭାଯାତ୍ରାରେ ଚାଲିଲେ ମୁଖ୍ୟମନ୍ତ୍ରୀ



**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** କେନ୍ଦ୍ରାପଡ଼ା ଜିଲ୍ଲାକୁ ମୁଖ୍ୟମନ୍ତ୍ରୀ ଦିନିକିଆ ଗସ୍ତରେ ଆସିଥିବା ବେଳେ ତ୍ରିରଙ୍ଗା ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ମୁଖ୍ୟମନ୍ତ୍ରୀ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡିଆରେ ହୋଇଥିବା ଅସ୍ଥାୟୀ ହେଲିପ୍ୟାଡରେ ଓହ୍ଲାଇଥିଲେ। ସେଠାରେ ତାଙ୍କୁ ବିପୁଳ ସ୍ୱାଗତ କରାଯାଇଥିଲା। ସେଠାରୁ ସେ ଶ୍ରୀବଳଦେବଜୀଉଙ୍କ ମାଉସୀ ମା' ମନ୍ଦିର ଅଭିମୁଖେ ଯାଇଥିଲେ। ସେଠାରେ ପ୍ରବଳ ଗୁଳୁଗୁଳି ସତ୍ତ୍ୱେ ରଥ ଦାଣ୍ଡରେ ଏକ କିଲୋମିଟର ପଦଯାତ୍ରା କରି ସିଦ୍ଧ ଶ୍ରୀବଳଦେବଜୀଉଙ୍କ ମନ୍ଦିରକୁ ଯାଇଥିଲେ। ଏହି କାର୍ଯ୍ୟକ୍ରମରେ ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, ବିଜେପି ନେତ୍ରୀ ଗିତାଞ୍ଜଳୀ ସେଠୀ, ବିଜେପି ଜିଲ୍ଲା ସଭାପତି ଶଶାଙ୍କ ସେଠୀ, ପୂର୍ବତନ ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡା, ଆଳିର ବିଜେପି ନେତା କୃଷ୍ଣଚନ୍ଦ୍ର ପଣ୍ଡା, ରାଜନଗର ନିର୍ବାଚନମଣ୍ଡଳୀର ବିଜେପି ନେତା ଲଳିତ ବେହେରା, ବିଜେପି ରାଜ୍ୟକାର୍ଯ୍ୟକାରିଣୀ ସଦସ୍ୟ ଭୁବନମୋହନ ଜେନା, ତେଜେଶ୍ୱର ପରିଡ଼ା, ଉମାକାନ୍ତ ପଟ୍ଟନାୟକ, ବୈଦ୍ୟନାଥ ଚାଟାର୍ଜୀ, ଜ୍ଞାନଦେବ ବେଉରା, ବିଷ୍ଣୁ ଦାସ ପ୍ରମୁଖ ସାମିଲ ହୋଇଥିଲେ।

# ଗରମପାଣି ପଡ଼ି ଶିଶୁ ଗୁରୁତର
## ସପ୍ତାହେରୁ ଅଧିକ ହେଲାଣି ଚାଲିଛି ଚିକିତ୍ସା
## ସହାୟତା ପାଇଁ ବାପା-ମା'ଙ୍କ ଗୁହାରି

**କଳାହାଣ୍ଡି (ଅମୃତ ମିଡ଼ିଆ) :** କଳାହାଣ୍ଡି ଜ୍ଲ୍ଲା ଲାଞ୍ଜିଗଡ଼ ବ୍ଲକ ବେନଗାଁର ମାତ୍ର ୪ବର୍ଷ ବୟସର ଶିଶୁ ପ୍ରକାଶ। ଗତ ମଙ୍ଗଳବାର ମା' ବାଲମତି ଚୂଲିରେ ଭାତ ରୋଷେଇ ପାଣି ବସେଇ ଦେଇ କିଛି ସମୟ ପାଇଁ ବାହାରକୁ ଯାଇଥିଲେ। ଏହି ସମୟରେ ଘର ନିକଟରେ ଖେଳୁଥିବା ପ୍ରକାଶକୁ ଶୋଷ ଲାଗିବାରୁ ଘର ଭିତରକୁ ପଶିଥିଲା। ଘଟଣାକ୍ରମରେ ଚୂଲିରେ ବସିଥିବା ଗରମ ପାଣି ଉପରେ ଢାଳି ହୋଇଯାଇଥିଲା। ଅତିମାତ୍ରାରେ ଗରମ ପାଣି ଉପରେ ପଡ଼ିଯିବାରୁ ଦେହର ମୁହଁ, ବେକ, ଭାରି ପେଟ ଆଦି ବିଭିନ୍ନ ଅଂଶରୁ ଚମଡ଼ା ଉତୁରି ଯାଇଥିବା ବେଳେ ଅତ୍ୟନ୍ତ ଗୁରୁତର ପ୍ରକାଶକୁ ବାପା ଅଜିତ ହରିଜନଙ୍କ ସହିତ ପରିବାର ଲୋକେ ପ୍ରଥମେ ବିଶ୍ୱନାଥପୁର ଗୋଷ୍ଠୀ ସ୍ବାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ୮ ଦିନ ହେବ ପ୍ରକାଶର ଚିକିତ୍ସା ଚାଲିଥିଲେ ହେଁ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ପରିଲକ୍ଷିତ ହେଉନାହିଁ। କାମକରି ପରିବାର ପ୍ରତିପାଳନ କରୁଥିବା ଅଜିତ ଏକମାତ୍ର ପୁଅର ଚିକିତ୍ସା ପାଇଁ ଧାରକରଜ କରି ସର୍ବସ୍ୱାନ୍ତ ହେଲେଣି। ଉଚ୍ଚତର ଚିକିତ୍ସା ପାଇଁ ଅନ୍ୟତ୍ର ନେଇଯିବାକୁ ଡାକ୍ତର ପରାମର୍ଶ ଦେଉଥିବା ବେଳେ ବାପାଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ସରକାରଙ୍କ ବିଭିନ୍ନ ସ୍ୱାସ୍ଥ୍ୟ ଯୋଜନା ଥିଲେ ବି ଅଜ୍ଞତାବଶତଃ ସେ ସେସବୁର ଲାଭ ଉଠାଇ ପାରୁନାହାନ୍ତି ଅଜିତଙ୍କ ପରିବାର। ଶେଷରେ ଜିଲାପାଳଙ୍କୁ ସହାୟତା ପାଇଁ ନିବେଦନ କରିବାରୁ ସରପଞ୍ଚ, ସମିତିସଭ୍ୟଙ୍କ ଠାରୁ ଲେଖେଇଆଣ ବୋଲି କହିବାରୁ ଅଜିତ ହରଡ଼ଘଣାରେ ପଡ଼ିଛନ୍ତି। ପୁଅର ଚିକିତ୍ସା ପାଇଁ ସହାୟତା କରିବାକୁ ସ୍ୱେଚ୍ଛାସେବୀ ସଂଗଠନ, ସହୃଦୟ ବ୍ୟକ୍ତିବିଶେଷଙ୍କୁ ଗୁହାରି କରିଛନ୍ତି।

# ବେଆଇନ ଗର୍ଭପାତ ମେଡିସିନ ବିକ୍ରି ନେଇ ଧରପଗଡ
## ରାଣୀହାଟରେ ବିଭିନ୍ନ ଔଷଧ ଦୋକାନରେ ଚଢ଼ଉ



**କଟକ (ବ୍ୟୁରୋ) :** ବେଆଇନ ଭାବେ ରାଜ୍ୟର କିଛି ଔଷଧ ଦୋକାନ ଚାଲିଛି ବେଧଡକ ଏମ୍‌ଟିପି କିଟ୍ ଓ ଗର୍ଭପାତ ଔଷଧ ବିକ୍ରି। ଯାହାକୁ ନେଇ ଆକ୍ସନ ମୋଡରେ ଡ୍ରଗ୍ସ କଣ୍ଟ୍ରୋଲର ବିଭାଗ। ଗତକାଲି(ସୋମବାର) ରାଜଧାନୀ ପରେ ଆଜି କଟକରେ ଚଢାଉ କରାଯାଇଛି। ଏହି ସାମଗ୍ରୀ ଗୁଡିକ ବିକ୍ରି ଉପରେ କଟକଣା ଲାଗିଥିବା ସତ୍ତ୍ୱେ କାହିଁକି ବେଆଇନ ଭାବରେ ଏସବୁ ବିକ୍ରି ହେଉଛି। ଯାହାକୁ ନେଇ ବିଭାଗ ପକ୍ଷରୁ କଟକ ରାଣୀହାଟ ଛକ ନିକଟରେ ଥିବା ଔଷଧ ଦୋକାନରେ ତନତନ କରି ଯାଞ୍ଚ କରିଛି ବିଭାଗ। ପ୍ରସୂତି ବିଭାଗର ଡାକ୍ତରଙ୍କ ପ୍ରେସକିସନ ଅଛି କି ନାହିଁ? ଏଭଳି ଅନେକ ଦିଗକୁ ଦୃଷ୍ଟିରେ ରଖି ବିଭାଗ ଦୋକାନ ଗୁଡିକରେ ଛାନଭିନ କରିଛି। ଅବୈଧ ଔଷଧ ବିକ୍ରିକୁ ରୋକିବା ପାଇଁ ଏହି ରେଡ କରାଯାଇଛି। ଏନେଇ ଡ୍ରଗ୍ କଣ୍ଟ୍ରୋଲ ଅଧିକାରୀ, 'ଅନେକ ଦୋକାନରେ ଏସବୁ ଔଷଧ ମହଜୁତ ଥିଲା। ସେଗୁଡିକର ବିଲର ଯାଞ୍ଚ କରାଯାଇଛି। ସେହିପରି ଯେତିକି ବିକ୍ରି ହୋଇଛି ତାହାର ପ୍ରେସକିସନ ଅଛି କି ନାହିଁ ତାହାର ବି ତଥ୍ୟ ମଗାଯାଇଛି। ଯେଉଁମାନେ ଏସବୁ ତଥ୍ୟ ଦେବାରେ ଅସମର୍ଥ ହେବେ, ସେମାନଙ୍କୁ ପ୍ରଥମେ କାରଣ ଦର୍ଶାଅ ନୋଟିସ ଜାରି କରାଯିବ। ଏବଂ ବେଆଇନ ଜଣା ପଡିଲେ ଦୋକାନର ଲାଇସେନ୍ସ ବାତିଲ କରାଯିବ। ସେହିପରି ଯେଉଁ ଔଷଧ ଗୁଡିକ ଅଛି ତାହାର ମାନ ବି ଯାଞ୍ଚ କରାଯିବ। କାରଣ ଖରାପ ମାନ ବ୍ୟବହାର କରିବା ଅନୁଚିତ। ତାହା ଜୀବନ ବି ନେଇପାରେ। ସେଥିପାଇଁ ଯେଉଁ ମାନେ ଏହାକୁ ବ୍ୟବହାର କରୁଛନ୍ତି। ଡାକ୍ତରଙ୍କ ପରାମର୍ଶରେ ପ୍ରେସକ୍ରିପସନ ଦେଖାଇ ନେବାକୁ ପରାମର୍ଶ ଦେଇଛି ବିଭାଗ। ସେହିପରି ଗତକାଲି ଭୁବନେଶ୍ୱର ନୟାପଲ୍ଲୀ ଅଞ୍ଚଳରେ ବେଆଇନ ଭାବେ ଗର୍ଭପାତ ଔଷଧ ବିକ୍ରି ନେଇ ବିଭାଗ ପକ୍ଷରୁ ରେଡ୍ କରାଯାଇଥିଲା। ବିଭିନ୍ନ ମେଡିସିନ ଷ୍ଟୋରରେ ଏହି ଚଢାଉ କରାଯାଇଥିଲା।

# ଖୋର୍ଦ୍ଧାରେ ପାଇକ ସ୍ମାରକୀ ନିର୍ମାଣ ପ୍ରସଙ୍ଗ
## ଦିଲ୍ଲୀ ଠାରୁ ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ସମସ୍ତେ ତତ୍ପର : ଖୋର୍ଦ୍ଧା ବିକାଶ ମଞ୍ଚ




**ଖୋର୍ଦ୍ଧା (ଅମୃତ ମିଡିଆ) :** ଖୋର୍ଦ୍ଧାର ପାଇକ ସ୍ମାରକୀ ଚାରିପଟେ ଥିବା ଅଣ ଓସାରିଆ ରାସ୍ତାକୁ ଓସାରିଆ କରାଯିବା ଓ ଅନ୍ୟାନ୍ୟ ଅନେକ ପ୍ରସ୍ତାବ ନେଇ ଆଜି ସ୍ଥାନୀୟ ଜିଲ୍ଲାପାଳଙ୍କୁ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି ଖୋର୍ଦ୍ଧା ବିକାଶ ମଞ୍ଚର ସଭାପତି, ଆଇନ୍‌ଜୀବୀ ନରେନ୍ଦ୍ର ପୃଷ୍ଟି, । ଏଥିରେ ସ୍ମାରକୀ ଓ ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ରାସ୍ତା ଓସାରିଆ କରାଯିବା ପାଇଁ ପଦକ୍ଷେପ ନେବେ ବୋଲି ଆଶ୍ୱାସନା ଦେଇଥିଲେ । ପ୍ରକାଶ ଥାଉକି, ୭ ଫୁଟିଆ ରାସ୍ତାକୁ ଓସାରିଆ କରାଯିବାର ଯଥେଷ୍ଟ ଆବଶ୍ୟକତା ରହିଛି । କାରଣ ଏହି ରାସ୍ତା ଦେଇ ପର୍ଯ୍ୟଟକମାନେ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମର ଏକୁଡ଼ିଶାଳ, ଖୋର୍ଦ୍ଧା ଗଡ଼କୁ ପରିଦର୍ଶନରେ ଯିବାର ସୁଯୋଗ ପାଇପାରିବେ । ଏଠାକୁ ଉପଯୁକ୍ତ ରାସ୍ତା କରାନଗଲେ ଏହା ଓଡ଼ିଶାର ଅସ୍ମିତାର ପ୍ରତୀକ ଖୋର୍ଦ୍ଧା ଗଡ଼ ପ୍ରତି ଅସମ୍ମାନ ହେବ ଏବଂ ପର୍ଯ୍ୟଟକମାନେ ବିମୁଖ ହେବେ । ଅନ୍ୟ ଏକ ପ୍ରସ୍ତାବ ଅନୁଯାୟୀ ବରୁଣେଇ ମନ୍ଦିରର ମୁଖ୍ୟ ରାସ୍ତାପଟକୁ ରହିଥିବା ସ୍ମାରକୀ ସ୍ଥଳର ରାସ୍ତାଟି ଅତ୍ୟନ୍ତ ଅଣଓସାରିଆ ହେଇଥିବାରୁ ଏହାକୁ ଅଧିକ ଓସାରିଆ କରିବାର ଆବଶ୍ୟକତା ଥିଲେ ମଧ ଏହାକୁ ଲାଗି ଖୋର୍ଦ୍ଧାର ନନ୍ଦ କିଶୋର ନାୟକଙ୍କର ନିଜ କବଲା ଯାଗା ଥିବାରୁ ଏଠାରେ ଓସାର ହୋଇପାରିବ ନାହିଁ । ତେଣୁ ଏହା କଡ଼ରେ ଆଉ ଏକ ସରକାରୀ ଜାଗାରେ ଥିବା ପାର୍କ ମଧ ଦେଇ ବିକଳ୍ପ ରାସ୍ତା ତିଆରି କରାଯାଇପାରିବ । ଉପରୋକ୍ତ ପ୍ରସ୍ତାବ ଗ୍ରହଣ କରାଯିବାର କିଛି ସମୟ ପରେ ଦିଲ୍ଲୀରୁ ଇଣ୍ଡିଆନ୍ ଅଏଲ ଫାଉଣ୍ଡେସନ୍‌ର ଜେନେରାଲ ମ୍ୟାନେଜର୍ ବିକାଶ ଗଙ୍ଗୋତ୍ରାଙ୍କ ସହିତ ସ୍ଥାନୀୟ ଜିଲ୍ଲାପାଳ ଓସ୍ୱାନ୍ ଭବନରେ ଅନୁଷ୍ଠିତ ହୋଇଥିବା ଏକ ଭିଡ଼ିଓ ବାର୍ତ୍ତାଳାପରେ ଘୋଷଣା କଲେ ଯେ, ୭ଫୁଟ ଢ଼ଳେଇ ରାସ୍ତା ପରେ ଆଉ ୩ ଫୁଟ ରାସ୍ତା ଛାଡ଼ି ତାପରେ ଏକ ଡ୍ରେନ୍ ତିଆରି କରାଯିବ । ଏଥିରେ ସ୍ଥାନୀୟ ଜିଲ୍ଲାପାଳ ପ୍ରାୟ ଚଳିତ ମାସ ୨୫ ତାରିଖ ସୁଦ୍ଧା ଠିକାଦାରଙ୍କୁ କାର୍ଯ୍ୟାଦେଶ ଦିଆଯିବ ଓ ଜୁଲାଇ ମାସ ପ୍ରଥମ ସପ୍ତାହରେ କାମ ଆରମ୍ଭ ହେବ ବୋଲି ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମଧ ସ୍ଥାନୀୟ ଜନସାଧାରଣଙ୍କ ସମ୍ପୃକ୍ତି ଓ ସହଯୋଗ କାମନା କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କ ସହିତ ଅନ୍ୟମାନଙ୍କ ମଧ୍ୟରେ ଉପସ୍ଥିତ ଥିଲେ ଅତିରିକ୍ତ ଜିଲ୍ଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ଉପଜିଲ୍ଲାପାଳ କିଶୋର ଚନ୍ଦ୍ର ପଣ୍ଡା, ସ୍ଥାନୀୟ ତହସିଲଦାର୍ ବିଭାସ ପାଣିଗାହୀ, ପୂର୍ତ୍ତ ବିଭାଗର କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଶିବଲାଲ ସାହୁ, ପୂର୍ବତନ ପର୍ଯ୍ୟଟକ ଅଧିକାରୀ ସନ୍ତୋଷ ଦାସ, ଜଙ୍ଗଲ ବିଭାଗ ଓ ବ୍ରିଟାନିୟାନ୍ ଅଧିକାରୀ ପ୍ରମୁଖ ଓ ଅନ୍ୟାନ୍ୟ ବହୁ ବିଭାଗୀୟ ଅଧିକାରୀ ମାନେ ।

# ଆଇଓସିଏଲ ପାରାଦୀପ ତୈଳ ବିଶୋଧନାଗାରରେ ବିପର୍ଯ୍ୟୟ ଅଭ୍ୟାସ କୌଶଳ




**ପାରାଦୀପ (ଅମୃତ ମିଡିଆ) :** ଆଇଓସିଏଲ ପାରାଦୀପ ତୈଳ ବିଶୋଧନାଗାର ରେ ଏକ ଲୁବ୍ରିଲ-୨ ଅନସାଇଟ ବିପର୍ଯ୍ୟୟ ଅଭ୍ୟାସ କୌଶଳ ମଙ୍ଗଳବାର ଦିନ ଆୟୋଜିତ ହୋଇଯାଇଛି ଯେଉଁଥିରେ ତୈଳ ବିଶୋଧନାଗାର ତାହାର ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ପ୍ରସ୍ତୁତି ପ୍ରଭାବ ର ଯାଞ୍ଚ କରିଥିଲା। ପାରାଦୀପ ତୈଳ ବିଶୋଧନାଗାରର ଅନୁମୋଦିତ ଇମରର୍ଜେନ୍ସି ରେସପନସ୍ ଆଣ୍ଡ୍ ଡିଜାଷ୍ଟର୍ ମ୍ୟାନେଜମେଣ୍ଟ ପ୍ଲାନ୍ (ଇଆରଡିଏମପି) ଅନୁଯାୟୀ ଏହି ଡ୍ରିଲ୍ ଆୟୋଜିତ ହୋଇଥିଲା । ମ୍ୟୁଚୁଆଲ୍ ଏଡ୍ ସଂସ୍ଥାର ପ୍ରତିନିଧିମାନେ ମଧ୍ୟ ଏହି ଅଭ୍ୟାସରେ ଅଂଶଗ୍ରହଣ କରିଥିଲେ। ପାରାଦୀପ ରିଫାଇନରୀର ଏକ ପମ୍ପ ଡିସଚାର୍ଜ ଲାଇନରୁ ପ୍ରୋପିଲିନ୍ ଲିକେଜ୍ ହେଲେ ଏବଂ ତା'ପରେ ବିସ୍ଫୋରଣ ଘଟିଲେ, ତାହାକୁ ସଫଳତାର ସହିତ କିପରି ମୁକାବିଲା କରାଯିବ ସେହି ବିଷୟବସ୍ତୁ ଉପରେ ଅଭ୍ୟାସ କୌଶଳ ଟି ଆଧାରିତ ଥିଲା ଓ ଏଥିରେ ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ବିପର୍ଯ୍ୟୟ ପରିଚାଳନା ଯୋଜନାର ପ୍ରୋଟୋକଲ୍ ଅନୁଯାୟୀ ନିଆଯାଇଥିବା ପ୍ରତିକ୍ରିୟା ଏବଂ ନିୟନ୍ତ୍ରଣ ପଦକ୍ଷେପ ଗୁଡିକ ସଠିକ୍ ଭାବରେ ସମନ୍ୱିତ ହୋଇଥିଲା ଏବଂ ଏହାକୁ ସମସ୍ତ କର୍ତ୍ତୃପକ୍ଷ ପ୍ରଶଂସା କରିଥିଲେ। ଏହି ଡ୍ରିଲ୍ ପରେ ପାରାଦୀପ ରିଫାଇନରୀର କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ମୁଖ୍ୟ ଶ୍ରୀ କୌଶିକ ବସୁଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

# ମୁଖ୍ୟମନ୍ତ୍ରୀଙ୍କ ଗୋଡ଼ତଳେ ପଡିଗଲେ ପ୍ରଧାନଶିକ୍ଷକ

**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** କେନ୍ଦ୍ରାପଡ଼ା ଜିଲ୍ଲାର ମାର୍ଶଘାଇ ବ୍ଲକ ଅନ୍ତର୍ଗତ କୁଆଁରପାଳ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନରେଶ ଚନ୍ଦ୍ର ଲେଙ୍କା ମୁଖ୍ୟମନ୍ତ୍ରୀଙ୍କ ଗୋଡ଼ତଳେ ପଡି ଗୁହାରି କରିଥିଲେ। ବଳଦେବଜୀଉଙ୍କ ମନ୍ଦିରରେ ମୁଖ୍ୟମନ୍ତ୍ରୀ ପ୍ରବେଶ କରିବା ପରେ ପ୍ରଧାନ ଶିକ୍ଷକ ଶ୍ରୀ ଲେଙ୍କା ତାଙ୍କ ଗୋଡ଼ତଳେ ପଡିଯାଇଥିଲେ। ଏ ନେଇ ସୁରକ୍ଷାକର୍ମୀମାନେ ଶ୍ରୀ ଲେଙ୍କାଙ୍କୁ ତଳୁ ଉଠାଇଥିଲେ। କ'ଣ ସମସ୍ୟା ଅଛି ବୋଲି ମୁଖ୍ୟମନ୍ତ୍ରୀ ପଚାରିଥିଲେ। ସେ କାନ୍ଦି କାନ୍ଦି କହିଥିଲେ ଯେ ତାଙ୍କ ସେବା ପୁସ୍ତିକାକୁ ଉଦ୍ଦେଶ୍ୟମୂଳକ ଭାବେ ମାର୍ଶାଘାଇ ମଣ୍ଡଳ ଶିକ୍ଷାଧିକାରୀ ପ୍ରଫୁଲ୍ଲ କୁମାର ସ୍ୱାଇଁ ନିୟମିତ କରୁ ନଥିବାରୁ ସେ ପେନସନ ପାଇବାରୁ ବଞ୍ଚିତ ହେବେ। ଚଳିତ ମାସ ୩୦ ତାରିଖରେ ସେ ଚାକିରିରୁ ଅବସର ଗ୍ରହଣ କରିବେ। କିନ୍ତୁ ସେବା ପୁସ୍ତିକା ନିୟମିତ ନହେବାରୁ ସେ ଅବସର ପରେ ମଧ ପେନସନ ପାଇପାରିବେ ନାହିଁ। ତେଣୁ ବିନା ପେନସନରେ କିପରି ପରିବାର ପ୍ରତିପୋଷଣ କରିବେ ବୋଲି ପ୍ରଧାନ ଶିକ୍ଷକ ଶ୍ରୀ ଲେଙ୍କା କହିଥିଲେ। ଏହା ଶୁଣିବା ପରେ ତୁରନ୍ତ ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସୂଚନା ଯୋଗ୍ୟ ଯେ ଗତ ୧୦ ବର୍ଷ ହେବ ଶ୍ରୀ ଲେଙ୍କାଙ୍କ ସେବା ପୁସ୍ତିକାକୁ ମାର୍ଶାଘାଇ ବ୍ଲକ ଶିକ୍ଷାଧିକାରୀ ନିୟମିତ କରୁନାହାଁନ୍ତି। ଫଳରେ ସେ ବର୍ଦ୍ଧିତ ଦରମା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏହାସହ ଅବସର ପରେ ପେନସନ ପାଇବାରୁ ମଧ ସେ ବଞ୍ଚିତ ହେବେ। ଏ ନେଇ ସେ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ମଧ ଅଭିଯୋଗ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ଶ୍ରୀ ଲେଙ୍କାଙ୍କ ସେବା ପୁସ୍ତିକାକୁ ନିୟମିତ କରାଯିବା ପାଇଁ। ଜିଲ୍ଲା ଶିକ୍ଷାଧିକାରୀ ମାର୍ଶଘାଇ ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀ ସ୍ୱାଇଁଙ୍କୁ ନିର୍ଦ୍ଦେଶ ଦେଇଥିଲେ ମଧ ସେ ଏହା କରୁ ନଥିବାରୁ ଶ୍ରୀ ଲେଙ୍କା ମୁଖ୍ୟମନ୍ତ୍ରୀଙ୍କ ଗୋଡ଼ତଳେ ପଡି ଗୁହାରି କରିଥିବା ପ୍ରକାଶ କରିଛନ୍ତି।

## ରାଜ୍ୟ ସରକାରଙ୍କ ଘୋଷଣା କେତେ ଫଳପ୍ରଦ ?
# ସରକାରୀ ଜମି ଜବରଦଖଲ ହଟିବ କେବେ ?

**ନୀଳଗିରି (ଅମୃତ ମିଡିଆ) :** ୨୪ବର୍ଷର ଦୁର୍ନୀତିଗ୍ରସ୍ତ ସରକାରକୁ ହଟାଇ ଲୋକଙ୍କ ସରକାର ଭାବେ ଶାସନାଧିନ ଥିବା ବିଜେପି ସରକାର ତାର ପ୍ରତିଶ୍ରୁତି କେତେ ପାଳନ କରୁଛି ତାହା ଭାତ ହାଣ୍ଡିରୁ ଗୋଟିଏ ଚିପିଲେ ଜଣାପଡୁଛି। ସରକାରୀ ଜମି ଜବରଦଖଲ କରୁଥିବା ବ୍ୟକ୍ତି ମାନଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଜବରଦଖଲ ମୁକ୍ତ କରାଯାଉଥିବା କେତେକ କ୍ଷେତ୍ରରେ ଦେଖିବାକୁ ମିଳୁଥିବା ବେଳେ ସରକାରୀ ଦଳର ଲୋକ ପ୍ରତିନିଧି ମାନଙ୍କ ଉପରେ କେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ତାହା ଦେଖିବାକୁ ବାକି ରହିଲା। ବିବରଣୀରୁ ପ୍ରକାଶ ବିଜେଡ଼ି ସରକାର ସମୟରେ ତତ୍କାଳୀନ ବିଧାୟକ ପ୍ରାର୍ଥୀ ହୋଇଥିବା ସନ୍ତୋଷ ଖଟୁଆ ନୀଳଗିରି ବ୍ଲକ ଅନ୍ତର୍ଗତ ଭାଉଁରିଆବାଡ ଗ୍ରାମ ପଞ୍ଚାୟତର କିଛି ଜମି ଖରିଦ କରି ଫାର୍ମ ହାଉସ କରିଥିବା ବେଳେ ଧୀରେ ଧୀରେ ଜଙ୍ଗଲ ଜମି ସହ ସ୍କୁଲ ଜମି ଓ ବହୁ ଆଦିବାସୀଙ୍କ ଜମିକୁ ଜବରଦଖଲ କରି ରଖିଥିବାର ଅଭିଯୋଗ ଉଠିଛି। ଯେଉଁ ସ୍ଥାନରେ ଶ୍ରୀ ଖଟୁଆ ଫାର୍ମ ହାଉସ କରିଛନ୍ତି ଉକ୍ତ ଅଞ୍ଚଳଟି ହାତୀ ଚଳପ୍ରଚଳ ତଥା ବସବାସ କରୁଥିବା ଅଞ୍ଚଳକୁ ପ୍ରାୟ ୩୦୦ଶହ ଏକରରୁ ଊର୍ଦ୍ଧ୍ୱ ଜଙ୍ଗଲ ଓ ଆଦିବାସୀ ଜମିକୁ ତାର ବାଡ଼ରେ ଘେରାବନ୍ଦି କରି ଜବରଦଖଲ କରିଥିବାର ଅଭିଯୋଗ ଆସିଛି। ଜବରଦଖଲ ଜାଗାରେ ତାର ବାଡ଼ ଘେରାଯିବା ସଙ୍ଗେ ସଙ୍ଗେ ଶ୍ରୀ ଖଟୁଆ ସୋଲାର ଫେନସିଂ କରିଥିବାରୁ ହାତୀ ଓ ଜଙ୍ଗଲି ଜନ୍ତୁ ମାନଙ୍କ ପାଇଁ ବିପଦ ସୃଷ୍ଟି କରୁଥିବା ବେଳେ ଜଙ୍ଗଲି ଜନ୍ତୁ ମାନେ ଗ୍ରାମ ଓ ସହର ମୁହାଁ ହେଉଥିବାର ଦେଖାଯାଇଛି। ଯାହା ଫଳରେ ହାତୀ, ଭାଲୁ ଗ୍ରାମ ମୁହାଁ ହୋଇ ଧନ ଜୀବନ ହାନି କରୁଥିବାର ନଜର ମଧ ରହିଛି। ତେବେ ଏଠି ପ୍ରଶ୍ନ ଉଠେ ଜଙ୍ଗଲ ଭିତରେ ଅଳ୍ପ କେତେ ଜମି କିଣି ନିଜର ସୁରକ୍ଷା ପାଇଁ ୧୦୦ପରିବାରକୁ ବିପତ ମୁଖକୁ ଠେଲି ଦେବା କେତେ ଦୂର ଠିକ୍ ତାହା ଏବେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନିଜେ ବଞ୍ଚିଲେ ବାପର ନା ନୀତି ଶ୍ରୀ ଖଟୁଆ ଆପଣେଇ ଥିବାର ଲୋକେ ମୁହଁରେ ନକହିଲେ ବି ପଛରେ କୁହାକୁହୀ ହେଉଥିବାର ଶୁଣିବାକୁ ମିଳୁଛି। ପୁଣି ବହୁ ଆଦିବାସୀଙ୍କୁ ଧମକ ଚମକ ଦେଇ ଓ ଅର୍ଥ ପ୍ରଲୋଭନ ଦେଖାଇ ସେମାନଙ୍କ ଜମିକୁ ହାତେଇ ଥିବାର ବହୁ ଆଦିବାସୀ ଅଭିଯୋଗ ଉଠାଇଛନ୍ତି। ପୁଣି ଜଙ୍ଗଲରୁ ଗଛ କାଟି ପ୍ରାୟ ୧କିଲୋମିଟରରୁ ଊର୍ଦ୍ଧ୍ୱ ରାସ୍ତା ଖୋଲି ତାହାକୁ ସରକାରୀ ଅର୍ଥ ଖର୍ଚ୍ଚ କରାଯାଇ କଂକ୍ରିଟ ରାସ୍ତା କରି ନିଜ ଫାର୍ମକୁ ଯାତାୟାତ କରୁଥିବାର ଦେଖାଯାଇଛି। ତେବେ ଏଠି ପ୍ରଶ୍ନ ଉଠେ ଉକ୍ତ ଜଙ୍ଗଲ ରାସ୍ତାରେ ଯେଉଁ ବିଭାଗ ସରକାରୀ ଟଙ୍କା ଖର୍ଚ୍ଚ କରିଛି କେଉଁ, ନିୟମ ବଳରେ କରାଇଛି ତାହାକୁ ନେଇ ଉଠିଛି ପ୍ରଶ୍ନ। କିଛି ବର୍ଷ ପୂର୍ବରୁ ଭାଲୁକାଶୁଣି ୧୧ନମ୍ବର ପୋଲ ଠାରୁ ଜଙ୍ଗଲ ଜମି ଦେଇ ଯାତାୟାତ କରୁଥିବା ଜଣେ ଫାର୍ମ ହାଉସ ମାଲିକଙ୍କ ପ୍ରତି ନୀଳଗିରି ବନ ବିଭାଗର ପୂର୍ବତନ ରେଞ୍ଜର ସୁକୁମାର ଦାସ କୋଠର ନୀତି ଅବଲମ୍ବନ କରି ଯାତାୟାତ କରୁଥିବା ରାସ୍ତାକୁ ତାଡି ଦେଇଥିବା ବେଳେ ଶ୍ରୀ ଖଟୁଆଙ୍କ ପ୍ରତି ଆଇନ ବନ ବିଭାଗର କେଉଁ ଆଡେ ଗଲା ବୋଲି ସାଧାରଣ ଲୋକ ପ୍ରଶ୍ନ କରୁଛନ୍ତି। ପୁରୁଷ ପୁରୁଷ ଧରି ଆଦିବାସୀ ମାନେ ଜଙ୍ଗଲରେ ଘର କରି ରହୁଥିବା ବେଳେ ସେମାନଙ୍କ ଘରକୁ ଭାଙ୍ଗି ନିଜ ଫାର୍ମ ହାଉସକୁ ରାସ୍ତା କରିବା କେତେ ଦୂର ନ୍ୟାୟ ସଂଗତ ତାହା ବିଚାର୍ଯ୍ୟ। ଗତ ସାଧାରଣ ନିର୍ବାଚନରେ ବିଜେଡି ଦଳରୁ ଆସି ବିଜେପି ବିଧାୟକ ହୋଇଥିବା ଶ୍ରୀ ଖଟୁଆ ନିଜ କ୍ଷମତାର ଦୁରୁପଯୋଗ କରି ଆଦିବାସୀ ମାନଙ୍କ ଜମିକୁ ଜବରଦଖଲ କରିବା ଫଳରେ ଗ୍ରାମରେ ଆଦିବାସୀ ମାନଙ୍କ ମଧ୍ୟରେ ଚାପା ଉତ୍ତେଜନା ଦେଖା ଦେଲାଣି। ପୁଣି ନିଜ ପସନ୍ଦର ଅଧିକାରୀଙ୍କୁ ଆଣି ନୀଳଗିରିର ରଖି ନିଜ ପତିଆରା ଜାହିର କରିବା ସଙ୍ଗେ ସଙ୍ଗେ ଶ୍ରୀ ଖଟୁଆଙ୍କ ବିରୋଧରେ ଅଭିଯୋଗ ଆଣିଲେ ମଧ ଅଧିକାରୀ ମାନେ କୌଣସି ଗୁରୁତ୍ୱ ଦେଉନଥିବାର ଅଭିଯୋଗ ଉଠିଛି। ନୀଳଗିରି ବିଡିଓ ଓ ତାଙ୍କ ସ୍ତ୍ରୀ ନୀଳଗିରି ତହସିଲଦାରଙ୍କୁ ବିଧାୟକ ଶ୍ରୀ ଖଟୁଆ ନୀଳଗିରିରେ ପୋଷ୍ଟିଂ କରାଇ ପାରିଥିବାରୁ ଦୁଇ ଅଧିକାରୀ ବିଧାୟକଙ୍କ କଥାରେ ଉଠବସ ହୋଇ ସବୁ ବେଆଇନ କାର୍ଯ୍ୟ କରୁଥିବାର ଅଭିଯୋଗ ଉଠିଛି। ବିଧାୟକଙ୍କ ବିରୋଧରେ କୌଣସି ଅଭିଯୋଗ କଲେ ଦୁଇ ଅଧିକାରୀଙ୍କ ସମେତ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଏନ୍ଏସିର କାର୍ଯ୍ୟକାରୀ ଅଧକ୍ଷ ରୋକଠୋକ ଭାବେ କୌଣସି ଅଭିଯୋଗ ଶୁଣାଯିବ ନାହିଁ ବୋଲି ବହୁ ଅଭିଯୋଗକାରୀ ଅଭିଯୋଗ କରିଛନ୍ତି। ସାଧାରଣ ବ୍ୟକ୍ତିଟିଏ ନିଜ ପେଟପାଟଣା ପାଇଁ ସରକାରୀ ଜାଗାରେ ଦୋକାନଟିଏ କରିବା କିମ୍ବା ଭୂମିହିନ ବ୍ୟକ୍ତିଟିଏ ଗୃହ ନିର୍ମାଣ କରି ପରିବାର ସହ ରହୁଥିବା ବେଳେ ପ୍ରଶାସନିକ ଅଧିକାରୀ ମାନେ ଜବରଦଖଲ ବାହାନା କରି ସେମାନଙ୍କୁ ଉଚ୍ଛେଦ କରୁଥିବା ବେଳେ ଓ ସେମାନଙ୍କୁ ଥଇଥାନ କରାନଯାଉନଥିବା ବେଳେ ଶହଶହ ଏକର ଜଙ୍ଗଲ, ଆଦିବାସୀ ଓ ନିରୀହ ବ୍ୟକ୍ତିଙ୍କ ଜମିକୁ ଜବରଦଖଲରେ ରଖିଥିବା ବିଧାୟକ ଶ୍ରୀ ଖଟୁଆଙ୍କ ବିରୋଧରେ ରାଜ୍ୟ ସରକାର କେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ତାକୁ ନେଇ ଜନସାଧାରଣ ଅପେକ୍ଷା କରିଛନ୍ତି। ଜଙ୍ଗଲ ଭିତରେ କୌଣସି ଶବ୍ଦ ପ୍ରଦୂର୍ଷଣ କରାଯିବାର ନିୟମ ନଥିବା ବେଳେ ବହୁ ସମୟରେ ବିଧାୟକଙ୍କ ଫାର୍ମ ହାଉସରେ କର୍ମୀ ସମ୍ମିଳନୀ ହେବା, ବିଭିନ୍ନ କାର୍ଯ୍ୟକ୍ରମରେ ଜୋରଦାର ମାଇକ ବଜାଇ ପରିବେଶକୁ ଶବ୍ଦ ପ୍ରଦୂର୍ଷଣ କରିବା ସଙ୍ଗେ ସଙ୍ଗେ ହାତୀ ଓ ଜଙ୍ଗଲି ଜନ୍ତୁଙ୍କ ବାଧା ସୃଷ୍ଟି କରୁଥିବାର ଅଭିଯୋଗ ଉଠିଛି। ପଣ୍ଡିତ ପୁଅ ମାଙ୍କଡ ମାରିଲେ ଦୋଷ ନାହିଁ ନ୍ୟାୟରେ ରାଜ୍ୟ ସରକାର ବିଧାୟକଙ୍କ ପ୍ରତି କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ନା ତାଙ୍କୁ ସହାୟତା ପ୍ରଦାନ କରିବେ ତାକୁ ନେଇ ଉଠିଛି ବିରାଟ ପ୍ରଶ୍ନ । ଆଗାମୀ ଦିନରେ ରାଜ୍ୟ ସରକାର ଜବରଦଖଲକାରୀଙ୍କ ପ୍ରତି କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା। ଏନେ ବିଧାୟକଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ ତାହା ସମ୍ଭବ ହୋଇପାରିନଥିଲା।